ଶନିବାର, ୨୨ ଫେବୃଆରୀ, ୨୦୨୫

# ପିଲାଙ୍କ ଧରିତ୍ରୀ



## ଖିଲି ଖିଲି ହସ

ବାପା: ଆଜି ପରୀକ୍ଷାରେ ତୋର କେତେ ମାର୍କ ଆସିଲା ?
ଛୋଟୁ: ମୋଟୁଠାରୁ ୨୦ମାର୍କ କମ୍ !
ବାପା: ତେବେ ମୋଟୁ କେତେ ମାର୍କ ରଖିଛି ?
ଛୋଟୁ: ୨୦ ନମ୍ବର ।

ପ୍ରଥମ ବେଙ୍ଗ ଛତାରେ କଣା ଥିବାର ଦେଖି ଦ୍ୱିତୀୟ ବେଙ୍ଗକୁ କହିଲା-ଆରେ, ତୋ ଛତାରେ କଣା କାହିଁକି ଅଛି ?
ଦ୍ୱିତୀୟ ବେଙ୍ଗ: ଆରେ ମୂର୍ଖ ବର୍ଷା ଛାଡିଲା ବୋଲି କେମିତି ଜଣାପଡିବ, ସେଥିପାଇଁ ମୁଁ ଛତାରେ କଣା କରିଦେଇଛି ।

ଚାରିଜଣ ସାଙ୍ଗ ଗୋଟେ ହୋଟେଲକୁ ଗଲେ ଖାଇବାକୁ । ଖାଇସାରି ବିଲ୍ ଦେବାକୁ ନେଇ ତାଙ୍କ ମଧ୍ୟରେ ଝଗଡା ଲାଗିଲା । ଶେଷରେ ନିଷ୍ପତ୍ତି ହେଲା ଯିଏ ପ୍ରଥମେ ହୋଟେଲ ଚାରିପଟେ ବୁଲିବ ସେ ପେମେଣ୍ଟ କରିବ । ମ୍ୟାନେଜର ସିଟି ବଜାଇଲେ ,ଚାରିଜଣ ଯାକ ଦୌଡିବା ଆରମ୍ଭ କଲେ । ୧୦ଦିନ ହୋଇଗଲାଣି ବିଚରା ମ୍ୟାନେଜର ଆଜିବି ସେମାନଙ୍କୁ ଅପେକ୍ଷା କରିଛି ।

ପିଲାଙ୍କ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ

Printed and published by Adyasha Satpathy on behalf of Navajat Printers & Media Pvt.Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph. (0674) 2580101,

## ସୂଚନା

ଆଇନା ସ୍ତମ୍ଭ ଲାଗି ୩ରୁ ୧୩ ବର୍ଷ ବୟସର ପିଲା ନିଜର ୩ଟି ଫଟୋ(ହାଇ ରିଜଲ୍ୟୁଶନ୍ ଥିବା) ସହ ପୁରା ନାମ, ବୟସ, ଠିକଣା ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ରଙ୍ଗ ଦିଅ ସ୍ତମ୍ଭରେ ଦିଆଯାଉଥିବା ଚିତ୍ରରେ ରଙ୍ଗ କରି ନିଜ ଫଟୋ ସହ ଶ୍ରେଣୀ, ସ୍କୁଲ, ଠିକଣା ଲେଖି ପଠାନ୍ତୁ । ଏଥିସହ ଗପ, କବିତା, ବିଜ୍ଞାନ କଥା, ଶିଶୁ ପ୍ରତିଭା, ମତାମତ ନିମ୍ନରେ ପ୍ରଦତ୍ତ ଇ-ମେଲ୍‌ରେ ପଠାଇପାରିବେ ।

**ଆମ ଠିକଣା**
dharitrifeature@gmail.com

# ଦିପୁର ପ୍ରାର୍ଥନା



**ଗପ**

ଜାଗର ଆସୁଛି ବୋଲି ଗାଁର ଶିବ ମନ୍ଦିର ସଜା ହେଉଥାଏ । ଫୁଲ, ରଙ୍ଗୋଲି, ଲାଇଟ୍ ଆଦି ଲଗା ଯାଉଥାଏ । ଏହାକୁ ଦେଖି ଦିପୁ ଭାରି ଉତ୍ସାହିତ ହେଉଥାଏ । ଜାଗର ଦିନ ସନ୍ଧ୍ୟାରେ ସେ ମନ୍ଦିରକୁ ଯାଇ ଦୀପ ଜାଳିବ । ସମସ୍ତଙ୍କ ମଙ୍ଗଳ ମନାସିବ । ମନେମନେ ଭାରି ଖୁସି ହେଉଥାଏ । ବହୁ ଭକ୍ତ ସେଠାକୁ ଆସିଥିବେ । ସେମାନେ ବି ଭଗବାନଙ୍କ ଆଶିଷ ଲାଭ କରିବେ । ଦିପୁ ତାର ମାଆଙ୍କୁ ବାରମ୍ବାର କହୁଥିଲା ମାଆ ମୁଁ ବି ତୁମ ସହିତ ଯିବି । ମାଆ ହଉ ବୋଲି କହିଦେଲେ ଦିପୁ ଖୁସିରେ ଡେଇଁ ଡେଇଁ ଚାଲିଯାଏ ଦାଣ୍ଡକୁ ।

ଜାଗର ଦିନ ସକାଳୁ ଦିପୁ ଉଠିପଡି ବାଡ଼ିରୁ ମାଟି ଆଣିଲା । ତାର ମାଆଙ୍କ ସହିତ ମିଶି ଅନେକ ଦୀପ ତିଆରି କଲା । ଶେଷରେ ଏକ ବଡ ଦୀପଟେ ମାଟିରେ ତିଆରି କଲା । ଆଉ କହିଲା ମାଆ ଆମେ ଏଇ ଦୀପଟି ମନ୍ଦିରକୁ ନେଇ ଯିବା ଓ ସେଠାରେ ବସି ଜାଳିବା । ବାକି ଦୀପଗୁଡିକ ଗାଁର ଅନ୍ୟ ଦେବାଦେବୀଙ୍କ ମନ୍ଦିରରେ ଜାଳିବା । ଏହା କହି ସେ ଦୀପ ସବୁ ପ୍ରସ୍ତୁତ କରି ଶୁଖାଇ ଦେଲା । ଅପରାହ୍ନରେ ଛୋଟ ଦୀପଗୁଡିକ ନେଇ ବୁଲିବୁଲି ସବୁ ମନ୍ଦିରରେ ଲଗାଇ ସାରି ସନ୍ଧ୍ୟାରେ ବଡ ଦୀପକୁ ନେଇ ମାଆଙ୍କ ସହିତ ଶିବ ମନ୍ଦିରକୁ ଗଲା । ସେଠାରେ ଅନ୍ୟ ଭକ୍ତ ମାନେ ବି ଥିଲେ । ଆଉ କିଛି ଭକ୍ତ ଆସୁଥିଲେ । ଦୀପ ଲଗାଇ ମହାଦେବଙ୍କୁ ମୁଣ୍ଡିଆ ମାରିଲା ଆଉ କହିଲା ଜଗତର ମଙ୍ଗଳ ହେଉ । ପୁଅର କଥା ଶୁଣି ମାଆ କହିଲେ ପୁଅ ଆଜିର ଦିନରେ ଭଗବାନଙ୍କ ନିକଟରେ ତୁ କରିଥିବା ଗୁହାରି ଶୁଣି ମୋ ଛାତି କୁଣ୍ଢେମୋଟ ହୋଇଯାଉଛି । ଭକ୍ତମାନେ ସମସ୍ତେ ନିଜର ଓ ନିଜ ପରିବାରର ମଙ୍ଗଳ ମନାସି ଦୀପ ଜାଳୁଥିବାବେଳେ ତୁ ଜଗତର ମଙ୍ଗଳକାମନା କରୁଛୁ, କେତେ ବଡ଼ କଥା ଇଏ । ମା' ପୁଅଙ୍କ ପାଖ ଦେଇ ଜଣେ ଭକ୍ତ ଯାଉଥିଲେ । ଦୁଇ ଜଣଙ୍କର କଥା ଶୁଣି ସେ ଅଟକିଗଲେ । ସବୁ ବୁଝି ସାରି ଦିପୁକୁ ଆଶୀର୍ବାଦ କରି ଚାଲିଗଲେ । ବାସ୍ତବରେ ସେହି ଭକ୍ତ ଜଣକ ପ୍ରବଚନ ଦେବାକୁ ସେଠାକୁ ଆସିଥିଲେ । ତାଙ୍କର ପ୍ରବଚନ ଆରମ୍ଭ ହେଲା । ସେ ଦିପୁର ପ୍ରାର୍ଥନାରୁ ଆରମ୍ଭ କରି କହିଲେ ସେ ଛୋଟ ସିନା କଥା ତା ବିଶାଳ । ଜଗତର ମଙ୍ଗଳ କାମନାରେ ପଶୁ ପକ୍ଷୀ ବୃକ୍ଷ ଲତା ଠାରୁ ଆରମ୍ଭକରି ମଣିଷ ପର୍ଯ୍ୟନ୍ତ ସମସ୍ତେ ଭଲରେ ରହିବାକୁ ନିବେଦନ କରିବା ଉଚିତ୍ । ମନୋଭାବ ଯେତେ ବିଶାଳ ହେବ ସେ ବ୍ୟକ୍ତି ସେତେ ଈଶ୍ୱରଙ୍କ ନିକଟତର ହେବ । ପବିତ୍ର ଜାଗରରେ ଦୀପୁ ଯେଉଁ ଜାଗରଣ ସୃଷ୍ଟି କଲା ତାହା ସମସ୍ତଙ୍କ ପାଇଁ ଉଦାହରଣ ହୋଇ ରହିଲା । ସେହି କଥାକୁ ବଡ଼ମାନେ ବି ଅନୁକରଣ କଲେ । ସମସ୍ତେ ମନରୁ ଈର୍ଷା ଦ୍ୱେଷ ଦୂର କରି ବିଶ୍ୱକୁ ଏକ ପରିବାର ବୋଲି ଭାବିଲେ । ଦିପୁର ଏହି କଥା ଚାରିଆଡ଼େ ପ୍ରଚାରିତ ହୋଇଗଲା । ସମସ୍ତେ ଦିପୁକୁ ଧନ୍ୟବାଦ ଜଣାଇଲେ ।

**-ଶୁଭନାରାୟଣ ଶତପଥୀ**
ବିଜିପୁର, ବ୍ରହ୍ମଗିରି, ପୁରୀ
ମୋ: ୯୪୩୮୪୩୨୦୨୩

# ପକ୍ଷୀର ଭାଷା

ଚଢ଼େଇମାନଙ୍କ ଭଳି ମଣିଷ ବି କଥାବାର୍ତ୍ତା ହୋଇପାରନ୍ତି । ଆଉ ସେଇ ଭାଷାରେ ପରସ୍ପର ସହ ଭାବ ବିନିମୟ କରନ୍ତି । ଶୁଣିବାକୁ ହୁଏତ କଥାଟା ଟିକିଏ ଅଡୁଆ ଲାଗିପାରେ । କିନ୍ତୁ ଏଭଳି ପକ୍ଷୀମାନଙ୍କ ଭାଷାରେ କଥାବାର୍ତ୍ତା ହୁଅନ୍ତି ତୁର୍କୀର ଏକ ଗାଁ କୁସକୋୟେରେ । ଏହି ଗାଁର ଲୋକେ କାହିଁ କେଉଁ କାଳରୁ ଚଢ଼େଇଙ୍କ ଭଳି ବିଭିନ୍ନ ଶବ୍ଦ କରି ପରସ୍ପର ସହିତ ଯୋଗାଯୋଗ କରୁଥିଲେ । ଏହି ଭାଷାରେ କଥା ହେବାପାଇଁ କିଛି କହିବାକୁ ପଡେନି ବରଂ ପାଟିରେ ହ୍ୱିସିଲ୍ ବଜାଇ ଚଢ଼େଇ ଭଳି ବିଭିନ୍ନ ଶବ୍ଦ କରିବାକୁ ହୁଏ । ଶବ୍ଦ ଅନୁସାରେ ଭିନ୍ନ ଭିନ୍ନ ଅର୍ଥ ରହିଥାଏ । ଏବେ ଆଧୁନିକ ସଭ୍ୟତା ପ୍ରଭାବରେ ଲୋକେ କଥାବାର୍ତ୍ତା ପାଇଁ ଲିଖିତ ଭାଷା ବ୍ୟବହାର କରୁଛନ୍ତି ସତ, କିନ୍ତୁ ଏହି ଭାଷା ସମ୍ପୂର୍ଣ୍ଣ ରୂପେ ଲୋପ ପାଇନାହିଁ । ଲୋକେ ଏବେ ବି ଏହି ଭାଷାରେ ଦୂରରେ ଥିବା ଲୋକଙ୍କ ସହିତ ଯୋଗାଯୋଗ ସ୍ଥାପନ କରୁଛନ୍ତି । ବିଶେଷକରି ପାହାଡ ଉପରକୁ ଯାଇଥିବା ସମୟରେ କିମ୍ବା ଦୂରରେ ଥିବା ସମୟରେ ଲୋକେ ପକ୍ଷୀଙ୍କ ଭଳି ବିଭିନ୍ନ ଶବ୍ଦ କରି ସେମାନଙ୍କ ପାଖରେ ନିଜେ କହିବାକୁ ଚାହୁଁଥିବା କଥା ପହଞ୍ଚାଉଛନ୍ତି । ଏହି ଭାଷାକୁ ବଞ୍ଚାଇ ରଖିବା ପାଇଁ ସେଠାରେ ବିଭିନ୍ନ ସ୍ଥାନରେ ଯୁବପିଢିଙ୍କୁ ଶିକ୍ଷା ଦିଆଯାଉଛି । ତେବେ କୁସକୋୟେ ଗାଁର ଏହି ଭାଷାକୁ ୨୦୧୭ ମସିହାରେ ୟୁନେସ୍କୋ ତା'ର ସାଂସ୍କୃତିକ ଐତିହ୍ୟ ତାଲିକାରେ ସ୍ଥାନ ଦେଇଛି ।



## ମତାମତ

▸▸ ଗିନିଜ୍ ୱାର୍ଲ୍ଡ ରେକର୍ଡରେ ମାର୍ଶଲ ଆର୍ଟରେ '୩୬୦ କିକ୍' ପାଠଟି ପଢ଼ି ଚିନ୍ମୟଙ୍କ ସମ୍ପର୍କରେ ଜାଣିହେଲା ।

**-ବିଭୁତି ସାହୁ, ସାଲେପୁର, କଟକ**

▸▸ ଗପରେ 'ସତିଆର ସତ ଗୁଣ' ପିଲାଙ୍କ ଲାଗି ନିହାତି ଶିକ୍ଷଣୀୟ ହୋଇଛି । ସତ କହିବା ଦ୍ୱାରା ଆମର କ'ଣ ସୁବିଧା ହୁଏ ସେ ବିଷୟରେ ପାଠଟିରୁ ଜାଣିବାକୁ ପାଇଲି ।

**-ରୁନା ମହାନ୍ତି, ବାଲେଶ୍ୱର**

▸▸ କହିଲ ଦେଖି ସମ୍ଭର ସବୁ ପହେଳି ପଢ଼ିବାକୁ ବହୁତ ଭଲ ଲାଗେ ।

**-ରୋହନ ରାଉତ, ନୟାଗଡ**

## ରଙ୍ଗ ଦିଅ









ବର୍ତ୍ତମାନ ପରୀକ୍ଷା ମୁଣ୍ଡ ଉପରେ। ପିଲାମାନେ କିନ୍ତୁ ଘଣ୍ଟା ଘଣ୍ଟା ଧରି ପଢ଼ି ବସିଲେ ସୁଦ୍ଧା ପାଠ ମନେରହୁନାହିଁ ଏହାର ସିଧାସଳଖ ପ୍ରଭାବ ପିଲାର ପ୍ରଦର୍ଶନ ଉପରେ ପଡ଼ିବାର ଆଶଙ୍କା ରହିଛି। ହେଲେ କିପରି ପଢ଼ିଲେ ପାଠ ମନେରହିବ ସେ ସମ୍ବନ୍ଧରେ ଟିପ୍ସ...

# ପାଠ ମନେରଖିବା ସୂତ୍ର

## ପାଠପଢ଼ା ଶୈଳୀ

ପ୍ରତ୍ୟେକ ପିଲା ଶିଖିବାର କ୍ଷମତା ଅଲଗା ଅଲଗା ହୋଇଥାଏ। କେତେକ ପିଲା ଶୁଣିଶୁଣି କିଛି କଥା ମନେ ରଖିଥାନ୍ତି। ଗୋଟିଏ ଉପାୟ ଦ୍ୱାରା ପାଠ ପଢ଼ିଲେ ତାହା ଜଲ୍‌ଦି ଭୁଲିଯିବାର ଆଶଙ୍କା ରହିଛି। ପିଲା ନିଜ ପାଠପଢ଼ା ଶୈଳୀ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବା ଆବଶ୍ୟକ। ଯଦି ଭିଜୁଆଲ୍ ଲର୍ନିଂ ପ୍ରତି ଅଧିକ ରୁଚି ରଖୁଛନ୍ତି ତେବେ ଚାର୍ଟ, ଗ୍ରାଫ୍ କିମ୍ବା ଭିଡିଓର ସହାୟତା ନେଇପାରିବେ।

## ଏକାଗ୍ରତା

ଟିଭି,ମୋବାଇଲ କିମ୍ବା ଅତ୍ୟଧିକ ଶବ୍ଦ ହେଉଥିବା ସ୍ଥାନରେ ପିଲା ପାଠ ପଢ଼ିବ ତେବେ ପାଠ ପଢ଼ିବାରେ ବାଧା ନିହାତି ଦେଖାଯିବ। ଏପରି ପରିବେଶରେ ପିଲା ଶିଖିବା ଉପରେ ଫୋକସ୍ କରିପାରିବନାହିଁ ଏବଂ ଜଲ୍‌ଦି ସବୁ ଜିନିଷ ଭୁଲିଯିବ। ପାଠପଢ଼ାର ପରିବେଶ ସବୁବେଳେ ଶାନ୍ତ,ବ୍ୟବସ୍ଥିତ ରହିବା ଦରକାର। ପିଲାମାନେ ପାଠ ପଢ଼ିବା ସମୟରେ ଯଦି ମନ ଭାରାକ୍ରାନ୍ତ ଲାଗୁଛି , ତେବେ ମଝିରେ ମଝିରେ ଛୋଟ ବ୍ରେକ୍ ନେଇପାରିବେ। ଏହାଦ୍ୱାରା ପାଠପଢ଼ା ପ୍ରତି ଏକାଗ୍ରତା ସୃଷ୍ଟି ହୋଇଥାଏ।

## ସ୍ମରଣଶକ୍ତି

ପିଲା ଯେତେ ପଢ଼ିଲେ ବି ପାଠ ସେଭଳି ମନେରହୁନାହିଁ। ଏହାକୁ ନେଇ ମାତାପିତାଙ୍କ ମନରେ ଅନେକ ପ୍ରଶ୍ନ ଉଙ୍କିମାରେ। ଯଦି ପିଲା ସକାଳେ ଗଣିତର କୌଣସି ଫର୍ମୁଲା ମନେ ରଖୁଛି ସନ୍ଧ୍ୟାବେଳେ ତାକୁ ଭୁଲିଯାଉଛି। ଏହା କେବଳ ସ୍ମରଣଶକ୍ତିର ଅଭାବ କାରଣରୁ ହୋଇ ନ ଥାଏ। ଏହାର କାରଣ ଘୋଷିବାର ଅଭ୍ୟାସ,ଧ୍ୟାନ ଅନ୍ୟତ୍ର ରହିବା, ଆଗ୍ରହ କମ୍ କିମ୍ବା ଠିକ୍ ପାଠପଢ଼ା ଟେକ୍‌ନିକ୍‌କୁ ନ ଆପଣାଇବା ଆଦିରୁ ହୋଇଥାଏ। ଗବେଷଣା ଅନୁଯାୟୀ ଠିକ୍ ପଢ଼ିବା ଷ୍ଟ୍ରାଟେଜି, ଅନୁକୂଳ ବାତାବରଣ ଦ୍ୱାରା ପିଲା ନିଜ ସ୍ମରଣଶକ୍ତିକୁ ବୃଦ୍ଧି କରିପାରିବେ।

## ଘୋଷିବାର ଅଭ୍ୟାସ

ଅଧିକାଂଶ ପିଲା ପାଠକୁ ବୁଝିବା ବଦଳରେ ତାକୁ ଘୋଷିବାକୁ ଲାଗନ୍ତି। ଏହି କାରଣରୁ ସେ କେବଳ ସେଇ ସମୟରେ ହିଁ ପାଠକୁ ମନେରଖନ୍ତି ଏବଂ ଜଲ୍‌ଦି ଭୁଲିଯାଇଥାନ୍ତି। ପିଲା ଯାହା ପଢୁଛି ତା'ର କନ୍‌ସେପ୍ଟ କ୍ଲିୟର ହେବା ଆବଶ୍ୟକ। ଭିଜୁଆଲ ଲର୍ନିଂ, ଷ୍ଟୋରି ଟେଲିଂ କିମ୍ବା ଏକ୍ସପେରିମେଣ୍ଟ ମାଧ୍ୟମରେ ପଢ଼ନ୍ତୁ। ଫଳରେ ପାଠ ଅଧିକ ଦିନ ପର୍ଯ୍ୟନ୍ତ ମନେରହିବ।

## ପାଠ ପଢ଼ାରେ ରୁଚି କମିବା

ଯେତେବେଳେ କୌଣସି ବିଷୟରେ ରୁଚି ରହୁନାହିଁ ତେବେ ଏହାର ପ୍ରଭାବ ପାଠ ପଢ଼ାରେ ରୁହେନି। ଏହାଦ୍ୱାରା ପିଲା ପାଠ ଜଲ୍‌ଦି ଭୁଲିଯାଏ। ପାଠ ପଢ଼ା ପ୍ରତି ମନୋନିବେଶ କରିବାକୁ ହେଲେ ଖେଳ, କୁଇଜ୍,ଇଣ୍ଟରାକ୍ଟିଭ୍ ଲର୍ନିଂ ମିଡିୟମର ସହାୟତା ନେଇପାରିବେ।



## ଏମାନେ କ'ଣ କରନ୍ତି..

### ସବୁବେଳେ ରୁଟିନ୍ ଅନୁସରଣ କରେ



ଯେହେତୁ ପାଠ ମୋର ଭବିଷ୍ୟତ ଉପରେ ନିର୍ଭର କରେ, ତେଣୁ ପାଠପଢ଼ାକୁ ମୁଁ କେବେ ଅବହେଳା କରେନା। ପ୍ରତିଦିନ କ'ଣ ପଢ଼ିବି ଏବଂ କେଉଁ ସମୟରେ ପଢ଼ିବି ସେଥିପାଇଁ ଏକ ରୁଟିନ୍ ପ୍ରସ୍ତୁତ କରିଛି। କାରଣ ସବୁଦିନ କିଛି ହୋମ୍‌ୱର୍କ କରିବାକୁ ପଡେ। ଏବେ ତ ପରୀକ୍ଷା ପାଖେଇ ଆସିଲାଣି। ତେଣୁ ପାଠପଢ଼ା ପ୍ରତି ଅଧିକ ସତର୍କ ରହୁଛି। ପାଠ ପଢ଼ିବା ବେଳେ ମୁଁ ସବୁବେଳେ ମନକୁ ହାଲୁକା ରଖେ। ଯଦି ବୋରିଂ ଲାଗିଲା, ତେବେ କିଛି ସମୟ ବୁଲାବୁଲି କରେ। ରୁଟିନ୍ ଅନୁଯାୟୀ ପଢୁଥିବାରୁ ମୁଁ ପ୍ରାୟ ଅଧିକ ସମସ୍ୟାର ସମ୍ମୁଖୀନ ହୋଇ ନ ଥାଏ। କିଛି ସମସ୍ୟା ଦେଖାଦେଲେ ସେ ବିଷୟରେ ସ୍କୁଲ ଶିକ୍ଷକଙ୍କ ସହ ପରାମର୍ଶ କରିଥାଏ।

**-ନିଖିଳେଶ ମହାନ୍ତି** (କ୍ଲାସ-୮, ପି.ଏମ.ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ, ପୁରୀ)

### ସ୍ଥିର ମନରେ ପଢ଼େ



ମୁଁ ସବୁବେଳେ ସ୍ଥିର ମନରେ ପଢ଼େ। ଷ୍ଟଡିରୁମ୍‌ରେ ପଢ଼େ, ତେଣୁ ଏହାର ପରିବେଶକୁ ଏପରି ରଖେ ଯେ, ଯେମିତି ପାଠ ବ୍ୟତୀତ ମନ ଆଉ କୁଆଡେ ଯିବନି। ସ୍କୁଲରେ ପଢ଼ାହେଉଥିବା ବିଷୟଗୁଡ଼ିକୁ ଘରେ ଭଲ ଭାବରେ ପଢ଼ିବା ପରେ ସବୁଦିନ ପ୍ରାୟ ଘଣ୍ଟାଏ ଲେଖାଲେଖି କରେ। ସ୍କୁଲରେ ଯାହା ପଢ଼ା ହୁଏ, ତାହାକୁ ବୁଝିବାକୁ ଚେଷ୍ଟା କରେ। ଯଦି କିଛି ପାଠ ବୁଝି ନ ହେଲା, ତେବେ ବିଳମ୍ବ ନ କରି ସାର୍‌ଙ୍କୁ ପଚାରି ମନରୁ ଦ୍ୱନ୍ଦ ଦୂର କରିଦିଏ। ତେଣୁ ପାଠ ମୋତେ ବୋଝ ପରି ଲାଗେନା। ପ୍ରତିଦିନ ମୁଁ ଯେମିତି ହେଲେ ଅତିକମ୍‌ରେ ପାଞ୍ଚ ଘଣ୍ଟା ପଢ଼େ।

**-ସ୍ନେହାଶ୍ରୀ ବେହେରା** (କ୍ଲାସ-୮, ରେଭେନ୍ସା କଲିଜିଏଟ ସ୍କୁଲ, କଟକ)

### ମନକୁ ଦୁର୍ବଳ କରେନା



ପାଠରେ ଯଦି କିଛି ସମସ୍ୟା ଦେଖାଦେଲା ତେବେ ମୁଁ ମନକୁ ଦୁର୍ବଳ ନ କରି ତାହାକୁ କିପରି ସମାଧାନ କରିବି ଚେଷ୍ଟା କରେ। ପାଠ ପଢ଼ିବା ବେଳେ ମନକୁ କେବଳ ପାଠରେ ହିଁ କେନ୍ଦ୍ରିତ କରିଥାଏ। ସବୁବେଳେ ଏକାଗ୍ରତାର ସହ ପଢ଼େ, ତେଣୁ ପାଠ ମୋର ମନେ ରଖିବାରେ ପ୍ରାୟ ଅସୁବିଧା ହୋଇ ନ ଥାଏ। ପାଠ କିପରି ପଢ଼ିବି ସେ ସମ୍ପର୍କରେ ଆମ କ୍ଲାସ୍ ଟିଚର ଥରେ କିଛି ଭଲ ଟିପ୍ସ ଦେଇଥିଲେ। ତାହାକୁ ସବୁବେଳେ ଅନୁସରଣ କରେ।


**-କାବ୍ୟାର୍ଥ ଜ୍ୟୋତି ନାୟକ** (କ୍ଲାସ-୭, ସେମଫୋର୍ଡ ଫ୍ୟୁଚରଷ୍ଟିକ ସ୍କୁଲ,ବଲାଙ୍ଗୀର)




୧



୨



୩



୭



୪



୫



୬



୮



**ସାନ୍ଭି ପାତ୍ର**
କ୍ଲାସ୍- ୨, କେନ୍ଦ୍ରୀୟ ବିଦ୍ୟାଳୟ, ଭଞ୍ଜନଗର,
୧

୨
**ଦେବାଂଶୀ ଦାଶ**
କ୍ଲାସ୍- ୨, ସେଣ୍ଟ ଯୋଶେଫ କନ୍‌ଭେଣ୍ଟ ସ୍କୁଲ, ରାଉରକେଲା





**ପ୍ରତୀକ ସ୍ୱାଇଁ**
କ୍ଲାସ୍- ୪, ହାପି ଆୱାର୍ସ ସ୍କୁଲ, ଭୁବନେଶ୍ୱର
୩

୪
**ଅନନ୍ୟା ବେହୁରା**
କ୍ଲାସ୍- ୧, ଗାଇଡାନ୍ସ ଇଂଲିଶ୍ ମିଡିୟମ୍ ସ୍କୁଲ, ଡୁମୁଡୁମା, ଭୁବନେଶ୍ୱର





**ଅଂଶୁମାନ ସାହୁ**
କ୍ଲାସ୍- ୭, ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଅଙ୍କରାନ୍ତିପୁର, ଢେଙ୍କାନାଳ
୫

୬
**ଦିବ୍ୟାଂଶ ଶତପଥୀ**
କ୍ଲାସ୍-୨, ଡିଏଭି ପବ୍ଲିକ ସ୍କୁଲ, ଇଫ୍‌କୋ, ପାରାଦୀପ





**ମହାଶ୍ୱେତା ସାହୁ**
କ୍ଲାସ୍- ୫, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ପଦ୍ମପୁର, ବରଗଡ
୭

୮
**ସ୍ନେହାଞ୍ଜଳି ବେହେରା**
କ୍ଲାସ୍- ୭, ସେଣ୍ଟ ସରକାରୀ ବାଳିକା ଉଚ୍ଚବିଦ୍ୟାଳୟ, ମାର୍ଶାଘାଇ, କେନ୍ଦ୍ରାପଡ଼ା





# କବିତା

## ସୁଖ ଶାନ୍ତି ତବ ଆଶିଷେ

ଆସ ବାବା ପଶୁପତି ଜୟ ଅଗତିର ଗତି
ଦେଇ ପାଦେ ପୁଷ୍ପାଞ୍ଜଳି ଢାଳୁ ପ୍ରଣତି
ଭୋଗ ବିଳାସ ବରଜି ତପ ସାଧନରେ ମଜି
ବୋଲାଇଲ ମହାଯୋଗୀ ହେ ଉମାପତି
ତବ ନାମ ପବିତ୍ର ଗାନେ
ଖେଳିଯାଏ ଶାନ୍ତି ସୁର ଧ୍ୱନି ଏ ପ୍ରାଣେ ।
ତେଜି ସବୁ ଆଭୂଷଣ ଭୁଜଙ୍ଗ କଲ ଧାରଣ
ସାଗରରୁ ଜାତ ବିଷ କରିଲ ପାନ
ନାଆଁ ହେଲା ନୀଳକଣ୍ଠ ସବୁ ଦେବଙ୍କର ଇଷ୍ଟ
ତଇଳ ନ ଲେପି ଦେହେ ଭସ୍ମ ଲେପନ
ପାରିବକେ ମହିମା କଳି
ତ୍ୟାଗର ପ୍ରତୀକ ତୁମେ ହେ ଜଟାଧାରୀ ।
କରୁଛୁ ଆମେ ଗୁହାରି ପ୍ରଭୁ ଶମସାନଚାରୀ
ଧନ୍ୟ ହେଉ ଏ ଜୀବନ ତୁମ ଦର୍ଶନେ
ଦେଇ ତୁମରି ଆଶିଷ ହର ଆମର କଳୁଷ
ଜଗାଅ ତୁମ ଭାବନା ଆମରି ମନେ
ସୁଖ ଶାନ୍ତି ତବ ଆଶିଷେ
ଖେଳିଯାଉ ସବୁଆଡେ ଆମ ଏ ଦେଶେ ।

**– ରାଜକିଶୋର ସ୍ୱାଇଁ**
ନୂଆପଡ଼ା, ନୂଆବଜାର, କଟକ
ମୋ: ୯୪୩୭୪୪୨୦୪୧

## ଜାଗର

ସଂସାର ମଧ୍ୟରେ ଯେତେକ ପର୍ବ
ମହାଶିବରାତ୍ରି ସର୍ବାଗ୍ରେ ଗଣ୍ୟ,
ଦେବଦେବ ମହାଦେବଙ୍କ ପୂଜା
ମହୀମଣ୍ଡଳରେ ଅଟେ ଅନନ୍ୟ ।
ଫାଲ୍‌ଗୁନ କୃଷ୍ଣ ଚତୁର୍ଦ୍ଦଶୀ ତିଥି
ମହେଶ୍ୱରଙ୍କର ଆରାଧ୍ୟ ଦିନ,
ବ୍ରତ, ଉପବାସ, ଅନିଦ୍ରା ପୂଜାରେ
ଶିବଙ୍କ କରୁଣା ମିଳେ ଭକ୍ତିରେ ।
ଅତି ପବିତ୍ର ଏହି ଦିନଟି
ଶୈବ ପୁରାଣରେ ବର୍ଣ୍ଣିତ ଅଛି ।
ଶିବ ନାମ ଅର୍ଥ 'କଲ୍ୟାଣକାରୀ'
ଯେତେ ଦୁଃଖକଷ୍ଟ ଦିଅନ୍ତି ଟାଳି,
ଉଜାଗର ରହି ଜାଳନ୍ତି ଦୀପ
ସେପାଇଁ ନାମ ହେଲା 'ଜାଗର' ।

**– ପୁଷ୍ପଲତା ମହାନ୍ତି**
କଳ୍ପନା ସ୍କୋୟାର, ଭୁବନେଶ୍ୱର
ମୋ: ୯୬୫୮୦୭୭୧୦୧

## ମହାକାଳ

କାଳଙ୍କର କାଳ ତୁମେ ମହାକାଳ
ଦେବଙ୍କର ତୁମେ ଦେବ
ଭୂତଙ୍କର ନାଥ ତୁମେ ଭୂତନାଥ
ତୁମ ପରି କିଏ ହେବ ।
ତୁମେ ମହାଯୋଗୀ ତୁମେ ମହାରୁଦ୍ର
ତୁମେ ଯେ ପରମେଶ୍ୱର
ହଳାହଳ ବିଷ ପାନ କରିଥିଲ
ତୁମେ ନୀଳକଣ୍ଠେଶ୍ୱର ।
ତୁମ ଦୟା ହେଲେ ଭଙ୍ଗା ଚାଳିଆଟା
ଉଆସ ପାଲଟିଯାଏ
ଗଭୀର ଜଳରେ ସୋଲ ବୁଡିଯାଏ
ପଥରଟି ଭାସୁଥାଏ ।
ତୁମେ ପ୍ରଭୁ ସତ୍ୟ ତୁମେ ଯେ ସୁନ୍ଦର
ତୁମେ ପ୍ରଭୁ ଦୟାବନ୍ତ
କେଉଁଠୁ ଆରମ୍ଭ କେଉଁଠି ଶେଷ
ନାହିଁ ତୁମ ଆଦି ଅନ୍ତ ।
ବିପଦ ବେଳରେ ତୁମେ ଠିଆ ହେଲେ
ଦୁଃଖ ହୋଇଯାଏ ନାଶ
ଭରସା କରିଲେ ବରଷା କରାଅ
ତୁଆ ଚନ୍ଦନର ବାସ ।

**– ପ୍ରକାଶ କୁମାର ଚାନ୍ଦ**
ଜୟପୁରଶାସନ, ପିପିଲି, ପୁରୀ
ମୋ: ୭୦୦୮୯୨୫୯୫୪

## ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସ

ଗୋଟିଏ ଆଙ୍ଗୁଠି ଉପରେ ଜଣେ ଚାହିଁଲେ ଅତିବେଶିରେ ୧୦ରୁ ୨୦ଟି ପୋକର ଚିପ୍ସ ରଖିପାରିବ ବୋଲି ଆମେ ଭାବିପାରିବା । କିନ୍ତୁ ୨୫୫ଟି ପୋକର ଚିପ୍ସକୁ ମାତ୍ର ଗୋଟିଏ ଆଙ୍ଗୁଠି ଉପରେ ରଖିହେବ ଏକଥାକୁ ନ ଦେଖିଲେ ହୁଏତ କେହି ବିଶ୍ୱାସ କରିପାରିବେ ନାହିଁ । ଏଭଳି ଏକ ବିରଳ କାମ କରି ଦେଖାଇଛନ୍ତି ଇଟାଲିର ରୋକୋ ମର୍କୁରିଓ । ସେଥିପାଇଁ ତାଙ୍କ ନାଁ ଏବେ ଗିନିଜ୍ ରେକର୍ଡ୍ସରେ ସ୍ଥାନ ପାଇଛି ।

### ଆଙ୍ଗୁଠି ଉପରେ ୨୫୫ ପୋକର ଚିପ୍ସ

ଇଟାଲିର ଭିଲା ସାନ୍ ଗିଓଭାନିଠାରେ ରୋକୋ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ତାଙ୍କର ଏଭଳି ଦକ୍ଷତା ପ୍ରଦର୍ଶନ କରିଥିଲେ । ଗୋଟେ ପରେ ଗୋଟେ ପୋକର ଚିପ୍ସକୁ ସେ ଏତେ ସୁନ୍ଦରଭାବେ ରଖି ସନ୍ତୁଳନ ରକ୍ଷା କରିଥିଲେ ଯେ ଦେଖିବା ଲୋକେ ଆଶ୍ଚର୍ଯ୍ୟ ହୋଇ ଯାଇଥିଲେ । ତାଙ୍କର ଏଭଳି ଉଦ୍ୟମକୁ ଲୋକେ ଖୁବ୍ ପ୍ରଶଂସା କରିଛନ୍ତି ।




## ଏଥର ର ?

- ମାଉଣ୍ଟ କିଲିମାଞ୍ଜୋର କେଉଁ ଦେଶରେ ଅବସ୍ଥିତ ?
- କେଉଁ ଦେଶରେ ସର୍ବାଧିକ ଦ୍ୱୀପ ରହିଛି ?
- କେଉଁ ଅଞ୍ଚଳରେ ଚାରୋଟିଯାକ ହେମିସ୍ପିୟର ଦେଖିବାକୁ ମିଳିଥାଏ ?
- ବିଶ୍ୱର ସବୁଠୁ ବଡ ପ୍ରାକୃତିକ ଝରଣା ଆଞ୍ଜେଲ ଫଲ୍ସ କେଉଁଠାରେ ଅବସ୍ଥିତ ?
- ଭାରତର ପ୍ରଥମ ମହିଳା ପ୍ରଧାନମନ୍ତ୍ରୀଙ୍କ ନାମ ?


## ଗତଥର ର ଉତ୍ତର

- ଶିବାଜୀ ମହାରାଜ
- ବାବର ଓ ଇବ୍ରାହିମ୍ ଲୋଦି
- ଅରୁନ୍ଧତୀ ରାୟ
- ମୁମ୍ବାଇ
- ଶାହାଜାହାନ

## କହିଲ ଦେଖି

ଏମିତି ଠାକୁର ଅଟନ୍ତି ସିଏ
ଶ୍ମଶାନରେ ଘର ତୋଳନ୍ତି ଯିଏ
ବ୍ୟାଘ୍ରଚର୍ମ ସିଏ ପିନ୍ଧନ୍ତି ଦେହେ
ତାଣ୍ଡବ ନୃତ୍ୟ ତାଙ୍କ ମନକୁ ମୋହେ
ବିଷଧର ସର୍ପ ଗଳାରେ ଧରି
ବିଷକୁ ଅମୃତ ପାରନ୍ତି କରି
ଭକତବତ୍ସଳ ପ୍ରଭୁ ଯେ ସିଏ
ନାମଟି ତାଙ୍କର କହିବ କିଏ ?

**ଉ– ଶିବ**



ଭକତିଭାବର ପରବଟିଏ
ବର୍ଷରେ ଥରୁଟେ ପାଳିତ ହୁଏ
ଉପବାସ କରି ପୂଜା କରନ୍ତି
ଉଜାଗର ରହି ରାତି କାଟନ୍ତି
ଶିବମନ୍ଦିରରେ ଭିଡ଼ ଲାଗଇ
ପରବର ନାମ କିଏ ପାରିବ କହି ?

**ଉ– ଶିବରାତ୍ରି**



ଧରାକୁ ଆସଇ ଯେବେ ଜାଗର
ସଜେଇ ହୁଅଇ ଶିବ ମନ୍ଦିର
ମନ୍ଦିର ଉପରେ ଜଳଇ ଦୀପ
ଦେଖିଦେଲେ ଦୂର ହୁଅଇ ପାପ
ଦିନରେ ନୁହେଁ ସେ ରାତିରେ ଜଳେ
ଘଣ୍ଟ ଘଣ୍ଟା ଶୁଭେ ଭକତ ମେଳେ
ସେ ଦୃଶ୍ୟ ଦେଖିଛି ଯାହାର ଆଖି
ନାମଟି ତାହାର କହିଲ ଦେଖି ?

**ଉ– ମହାଦୀପ**



ଶିବଶମ୍ଭୁ ପରା ତାଙ୍କରି ପ୍ରିୟ
ଦେଖୁଥାନ୍ତି ସଦା ପ୍ରଭୁଙ୍କ ମୁହଁ
ରହିଥାନ୍ତି ତାଙ୍କ ମୁଖକୁ ଚାହିଁ
ପ୍ରଭୁଙ୍କର ଏକ ବାହନ ହୋଇ
ମନ୍ଦିର ଦ୍ୱାରରେ ବସନ୍ତି ସିଏ
ନାମଟି ତାଙ୍କର କହିବ କିଏ ?

**ଉ– ନନ୍ଦୀ/ବୃଷଭ**



**– ପ୍ରଶାନ୍ତ କୁମାର ନାଥ**
ସୁନ୍ଦରପୁର, ପ୍ରୀତିପୁର, ଯାଜପୁର
ମୋ: ୮୩୧୦୩୨୮୩୪୫

# ଜୀବଜନ୍ତୁଙ୍କର ଆବଶ୍ୟକ ପଡ଼େନି ବ୍ରଶ୍


ପୃଥିବୀ ପୃଷ୍ଠରେ ବିଭିନ୍ନ ପ୍ରକାର ଜୀବଜନ୍ତୁ ଦେଖିବାକୁ ମିଳନ୍ତି। ସବୁ ପ୍ରାଣୀଙ୍କର କିଛି ନା କିଛି ବିଶେଷତ୍ୱ ରହିଛି। କିନ୍ତୁ ଜାଣିଛ କି ଜୀବଜନ୍ତୁମାନେ କିପରି ତାଙ୍କ ଦାନ୍ତକୁ ସଫା କରନ୍ତି ? ସାଧାରଣତଃ ଆମେ ସକାଳୁ ଉଠିଲେ ବ୍ରଶ୍ କରିଥାନ୍ତି। ପ୍ରାଣୀ ବିଶେଷଜ୍ଞଙ୍କ ମତରେ ଜୀବଜନ୍ତୁଙ୍କର ଦାନ୍ତ ବହୁତ ମଜଭୁତ ହୋଇଥାଏ। ଏହା ଜଲ୍‌ଦି ଭାଙ୍ଗେନାହିଁ। ଏତେ ସବୁ ଖାଦ୍ୟ ଖାଇବା ସତ୍ତ୍ୱେ ଏମାନେ କିପରି ତାଙ୍କ ଦାନ୍ତକୁ ସଫା କରିଥାନ୍ତି। ତାଙ୍କ ଖାଦ୍ୟରେ ତନ୍ତୁଜାତୀୟ ପଦାର୍ଥ ରହୁଥିବା କାରଣରୁ ସେମାନଙ୍କ ଦାନ୍ତ ସହଜରେ ସଫା ହୋଇଯାଏ। ବିଶେଷଜ୍ଞଙ୍କ ମତରେ ପ୍ରାଣୀମାନେ କୁଟା,କାଠି,ଘାସ ଏବଂ ହାଡ ଆଦିକୁ ଚୋବାଇ ଚୋବାଇ ଖାଇବାରେ ଅଧିକ ସମୟ ଲଗାଇଥାନ୍ତି। ଏହାଦ୍ୱାରା ସେମାନଙ୍କ ଦାନ୍ତ ଆପେ ଆପେ ସଫା ହୋଇଯାଏ। ସେଥିପାଇଁ ପ୍ରାଣୀମାନଙ୍କୁ ବ୍ରଶ କରିବା ଏତେଟା ଆବଶ୍ୟକ ପଡେନାହିଁ।






# ଦାମୀ ଚକୋଲେଟ୍

ସାଧାରଣତଃ ପିଲାମାନେ ଚକୋଲେଟ୍ ଖାଇବାକୁ ଅଧିକ ପସନ୍ଦ କରିଥାନ୍ତି। ବଜାରରେ ବିଭିନ୍ନ ପ୍ରକାର ଏବଂ ସ୍ୱାଦର ଚକୋଲେଟ୍ ଉପଲବ୍ଧ। କିନ୍ତୁ ଏପରି ଏକ ଚକୋଲେଟ୍ ଅଛି ଯାହାର ଦାମ୍ କେତେ ତାହା ଜାଣିଲେ ଯେ କେହି ଆଶ୍ଚର୍ଯ୍ୟ ହୋଇଯିବେ। ଏହାକୁ କିଣିବା ପୂର୍ବରୁ ଅନେକ ଥର ଚିନ୍ତା କରିବାକୁ ପଡିଥାଏ। ତଥାପି ବିଶେଷଭାବରେ ଧନୀ ଶ୍ରେଣୀୟ ବ୍ୟକ୍ତି ଏହି ଚକୋଲେଟକୁ କିଣିବା ସହ ଉପହାର ଭାବରେ ଦେଇଥାଆନ୍ତି। ଏହି ଦାମୀ ଚକୋଲେଟ୍‌ଟି ହେଲା 'ଇକ୍ୱାଡୋର କି ଟୋଆକ୍'। ଏଭଳି ଗୋଟିଏ ଚକୋଲେଟ୍‌ର ଦାମ୍ ପ୍ରାୟ ୬୮୫ଡଲାର । ଏହି ତାଲିକାର ଦ୍ୱିତୀୟରେ ରହିଛି ଡେଲେଫି ଗୋଲ୍ଡ ଚକୋଲେଟ୍ ବକ୍ସ। ଏହି ଚକୋଲେଟ୍ ବକ୍ସର ଦାମ ପ୍ରାୟ ୫୦୮ ଡଲାର। ଏହି



ସୁଇସ୍ ଚକୋଲେଟ୍‌ରେ ସୁନାର କୋଟିଂ ଲାଗିଥାଏ। ଏହା ବ୍ୟତୀତ ତୃତୀୟ ନମ୍ବରରେ ରହିଛି ପୋର୍ସଲିନା ଡାର୍କ ଚକୋଲେଟ୍।


# ମିଛ ଧରିବା ଯନ୍ତ୍ର

ସୁବ୍ରତବାବୁ ପୋଲିସ ବିଭାଗର ଜଣେ ଉଚ୍ଚ ପଦସ୍ଥ ଅଧିକାରୀ। କାର୍ଯ୍ୟଦକ୍ଷତା ତଥା କୁଖ୍ୟାତ ଅପରାଧୀଙ୍କୁ ଧରିବାରେ ବହୁତ କ୍ଷମତା ଥିବା ଯୋଗୁ ପୋଲିସ ବିଭାଗର ରାଷ୍ଟ୍ରପତି ପୁରସ୍କାର ମଧ୍ୟ ସେ ପାଇଛନ୍ତି। ନିଜ ଝିଆରୀ ବାହାଘର ପାଇଁ ଗାଁକୁ ଆସିଥାନ୍ତି। ଦିନେ ସନ୍ଧ୍ୟା ବେଳେ ଘର ବାରଣ୍ଡାରେ ବସିଥିବା ବେଳେ କେତେ ଜଣ କଲେଜ ପଢୁଆ ପିଲା ଆସି ସମ୍ମାନ ଜଣାଇବା ସହ ତାଙ୍କଠାରୁ କିଛି ଜାଣିବା ପାଇଁ ଇଚ୍ଛା ପ୍ରକାଶ କରିଥିଲେ। ସୁବ୍ରତବାବୁ କହିଲେ, ଅପରାଧ ଦୁନିଆ ସମ୍ବନ୍ଧରେ ଯାହା ପଚାରିବାର ଅଛି ପଚାର। ପ୍ରକାଶ ପଚାରିଲା,ସାର, ବଡ଼ ବଡ଼ ଚୋରି,ଡକାୟତି କିମ୍ବା ହତ୍ୟା କରୁଥିବା ଅପରାଧୀମାନଙ୍କଠାରୁ ସତକଥା ବାହାରକରିବା ପାଇଁ ଆଜିକାଲି ବିଜ୍ଞାନଯୁଗରେ ଅନେକ ଯନ୍ତ୍ର ବାହାରିଛି। ଆମେ ଟିଭି ଓ ମୋବାଇଲରେ ଅପରାଧୀମାନଙ୍କର ପଲିଗ୍ରାଫ୍ ଟେଷ୍ଟ କରାଯିବା ବିଷୟ ଦେଖୁଛୁ ଓ ଶୁଣୁଛୁ। ତା' ବିଷୟରେ ଆମକୁ ଟିକିଏ କୁହନ୍ତୁ। ସୁବ୍ରତବାବୁ କହିଲେ, ''ତେବେ ମନ ଦେଇ ଶୁଣ । ପଲିଗ୍ରାଫ୍‌ର ଅନ୍ୟ ନାଁ ହେଉଛି ଲାଏ ଡିଟେକ୍ଟର। ତା' ପାଇଁ ବ୍ୟବହୃତ ଯନ୍ତ୍ରକୁ 'ମିଛଧରା ଯନ୍ତ୍ର' କୁହାଯାଏ। ପୋଲିସ ଅପରାଧୀର ପଲିଗ୍ରାଫ୍ ଟେଷ୍ଟ କରେ। ମନୁଷ୍ୟର ଦୁଇ ପ୍ରକାର ଗୁଣ ରହିଛି। ଯଥା–ସକାରାତ୍ମକ ଗୁଣ ଗୁଡ଼ିକ ହେଲା ଭଲ ପାଇବା ,ଦୟା,କ୍ଷମା,ସାହାଯ୍ୟ କରିବା ଇତ୍ୟାଦି। ନକାରାତ୍ମକ ଗୁଣଗୁଡ଼ିକ– ମିଥ୍ୟା,କ୍ରୋଧ,ଘୃଣା,ନିଷ୍ଠୁରତା ଇତ୍ୟାଦି। ନକାରାତ୍ମକ ଗୁଣଗୁଡ଼ିକ ଶରୀରର ଜୈବ ରାସାୟନିକ ବ୍ୟବସ୍ଥାକୁ ଅସନ୍ତୁଳିତ କରି ବିପର୍ଯ୍ୟୟ କରାଇଥାଏ। ଅର୍ଥାତ୍ ମାନସିକ ଚାପ ଯୋଗୁ ଶରୀରରେ ଥିବା ଜୀବକୋଷ ଗ୍ରନ୍ଥିରେ ଆଡିନାଲିନ୍,ନର୍‌ଆଡ୍ରିଲାଇନ୍,ଷ୍ଟେରଏଡ୍ ଇତ୍ୟାଦି ଜୀବରସ ବହୁତ କ୍ଷରିତ ହୋଇଥାଏ। ତେଣୁ ହୃତ୍‌ସ୍ପନ୍ଦନ,ଶ୍ୱାସକ୍ରିୟା,ରକ୍ତଚାପବଢ଼ିଥାଏ।ସେତେବେଳେ ପଲିଗ୍ରାଫ୍ ଟେଷ୍ଟ ଯନ୍ତ୍ର ବା ମିଛ ଧରା ଯନ୍ତ୍ର କାମ କରିଥାଏ।



ଏତିକି ବେଳେ ମନୋଜ ପଚାରିଲା ସାର୍, ସେହି ଯନ୍ତ୍ର ଅପରାଧୀର କେଉଁଠି ଲଗାଯାଏ ? ସୁବ୍ରତବାବୁ କହିଲେ, ସେହି ଲୋକକୁ ଯନ୍ତ୍ର ପାଖରେ ବସାଯାଏ। ତା'ର ରକ୍ତଚାପ,ହୃତ୍‌ସ୍ପନ୍ଦନ,ଶ୍ୱାସକ୍ରିୟା ଆଦିର ମାତ୍ରା ଜାଣିବା ପାଇଁ ହାତ ଓ ଛାତିରେ କେତେକ ତାର ଲଗାଯାଇଥାଏ, ଯାହାକି ପଲିଗ୍ରାଫ ଯନ୍ତ୍ର ସହ ସଂଯୁକ୍ତ ହୋଇଥାଏ। ବିଶେଷଜ୍ଞମାନେ ସେହି ଲୋକଙ୍କୁ ବିଭିନ୍ନ ପ୍ରଶ୍ନ ପଚାରିଥାନ୍ତି। ପ୍ରଶ୍ନର ଉତ୍ତରରେ ତା'ର ଶରୀରରେ ଘଟୁଥିବା ରକ୍ତଚାପ, ହୃଦ୍‌ସ୍ପନ୍ଦନ,ଶ୍ୱାସକ୍ରିୟା ଆଦିର ଗ୍ରାଫ୍ ଆକାରରେ ପ୍ରକାଶ ହୋଇଥାଏ।'' ସୁବାସ ପଚାରିଲା, ସାର୍, ଏହି ପଲିଗ୍ରାଫ୍ ଦ୍ୱାରା କ'ଣ ପୂରା ସତ କଥା ଜଣାପଡୁଛି ? ସୁବ୍ରତବାବୁ କହିଲେ, ''ନା। କେବଳ ୫୦–୬୦ପ୍ରତିଶତ ସତକଥା ଜଣାପଡ଼େ। ତେଣୁ ଏହି ଟେଷ୍ଟକୁ ଅଦାଲତ କିମ୍ବା କୋର୍ଟରେ ସାକ୍ଷୀ ରୂପେ କେତେକ କ୍ଷେତ୍ରରେ ହିଁ ଗ୍ରହଣ କରାଯାଏ।''

ମନୋଜ ପଚାରିଲା ସାର୍, ଏହି ପଲିଗ୍ରାଫ୍ ଟେଷ୍ଟ ଯନ୍ତ୍ର ପ୍ରଥମେ କେବେ ଓ କିଏ ବାହାର କରିଥିଲେ। ସୁବ୍ରତ କହିଲେ, ପ୍ରଥମ ୧୯୨୧ ସାଲରେ କାଲିଫର୍ନିଆର ଜଣେ ଡାକ୍ତରୀ ଛାତ୍ର ଜନ୍ ଅଗଷ୍ଟସ୍ ଲାର୍ସନ ଉଦ୍ଭାବନ କରିଥିଲେ। ୧୯୩୯ରେ ଲିଓନାର୍ଡ କିଲ୍‌ରେ ଏହାର ପ୍ରୟୋଗ ସମ୍ବନ୍ଧରେ ବୁଝାଇଥିଲେ। ତେଣୁ ତାଙ୍କୁ ପଲିଗ୍ରାଫର ଜନକ କୁହାଯାଏ। ଆମ ଦେଶରେ ପ୍ରଥମେ ୨୦୦୮ରେ ଜଣେ ମହିଳାଙ୍କ ହତ୍ୟା ଅପରାଧର ବିଚାର ପାଇଁ କୋର୍ଟରେ ସାକ୍ଷୀ ରୂପେ ଗ୍ରହଣ କରାଯାଇଥିଲା। ପ୍ରକାଶ ପଚାରିଲା, ସାର୍, ମୋ ମାମୁ ଜଣେ ଡାକ୍ତର, ସେ ଥରେ କହୁଥିଲେ ଚୋରିଠାରୁ ସତ କଥା ଜାଣିବା ପାଇଁ ନାର୍କୋ ଆନାଲିସ୍ କରାଯାଏ। ତାହା କ'ଣ ସାର୍ ? ସୁବ୍ରତବାବୁ କହିଲେ, ଏହାକୁ ଟ୍ରୁଥ୍‌ସିରୋମ୍ ମଧ୍ୟ କୁହାଯାଏ। ତୁମ୍ଭେମାନେ ଜାଣିଥିବ ଯିଏ ପ୍ରଚୁର ପରିମାଣରେ ମଦ ପିଇଥିବ , ସେ ସତ ଘଟଣା କୁହେ। ସେମିତି ସୋଡିୟମପେଣ୍ଟାଥାଲ୍ ନାମକ ଏକ ରାସାୟନିକ ପଦାର୍ଥ ଇଞ୍ଜେକ୍‌ସନ୍ ମାଧ୍ୟମରେ ଅପରାଧୀକୁ ପ୍ରୟୋଗ କରାଯାଏ। ଏହା ଫଳରେ ଅପରାଧୀର ଶାରୀରିକ ଓ ମାନସିକ ଅବସ୍ଥା ସ୍ୱାଭାବିକଠାରୁ ଅସ୍ୱାଭାବିକ ଆଡ଼କୁ ଯାଏ। ତାକୁ ଅବଚେତନ ସ୍ତର କୁହାଯାଏ। ସେତେବେଳେ ସେ ସତକଥା ସବୁ କହେ। ଅପରାଧ ଘଟାଇଥିବା ସ୍ଥାନ, ତାରିଖ,ବ୍ୟକ୍ତି ବିଷୟରେ ସବୁ ସତ କହିଥାଏ। ଆମ ଦେଶରେ ପ୍ରଥମେ ୨୦୦୨ରେ ଗୁଜରାଟର ଗୋଧ୍ରା ହତ୍ୟାକାଣ୍ଡ ଘଟଣା ଓ ପରେ ପରେ ହାଇଦ୍ରାବାଦ୍ ବୋମା ବିସ୍ଫୋରଣର ଅପରାଧୀକୁ ଧରିବା ପାଇଁ ବ୍ୟବହୃତ ହୋଇଥିଲା। ସୁବ୍ରତବାବୁ ଘଣ୍ଟା ଦେଖି କହିଲେ,ଡେରି ହେଲାଣି। ମୋର ଅନ୍ୟ କାମ ଅଛି। ପୁଣି ଆସନ୍ତାକାଲି ଆଉ ଦୁଇଟି ଉପାୟ ଯଥା ଫିଙ୍ଗର ପ୍ରିଣ୍ଟ ଓ ବ୍ରେନ୍ ମ୍ୟାପିଂ ଦ୍ୱାରା ଅପରାଧୀକୁ କିପରି ଚିହ୍ନଟ କରାଯାଏ ସେ ବିଷୟରେ କହିବି, କହ କହି ଘର ଭିତରକୁ ଚାଲିଗଲେ।



–ବିନୋଦ ଚନ୍ଦ୍ର ଜେନା,ପାରଳାଖେମୁଣ୍ଡି,ଗଜପତି
ମୋ: ୭୭୩୫୨୨୭୧୩

# ଆ ଇ ନା



ଶ୍ରେୟା ସ୍ୱର୍ଣ୍ଣା ମିଶ୍ର
୬ବର୍ଷ, ଭୁବନେଶ୍ୱର



ଆଞ୍ଚଲ ମଲ୍ଲିକ
୪ ବର୍ଷ, ସୋନପୁର